# ତହସିଲ କାର୍ଯ୍ୟାଳୟ, ପରଜଙ୍ଗ, ଜିଲ୍ଲା – ଢେଙ୍କାନାଳ

ବିଜ୍ଞାପନ ସଂଖ୍ୟା ୧୪୮୪/ତାରିଖ ୦୧.୦୫.୨୦୨୧

## ଲଘୁ ଖଣିଜ ସକାଶେ ଦିର୍ଘ ମିଆଦୀ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ପରଜଙ୍ଗ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁଖଣିଜ ଖାଦାନଗୁଡିକ ଆସନ୍ତା ୫ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର ପରଜଙ୍ଗଙ୍କ ଦ୍ୱାରା ବନ୍ଦ ଲଫାପା ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬(OMMC Rules, 2016) ର "Form-M" ରେ ସବିଶେଷ ତଥ୍ୟ ପୁରଣ କରି ଏହାର ତିନି କପି ନିମ୍ନ ଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଓ ମକଦମା ନଂ.(Case No.) ଲେଖି ଆବେଦନ କରିବେ, ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.୨୪.୦୬.୨୦୨୧, ୦୫.୦୭.୨୦୨୧ ଓ ୧୩.୦୭.୨୦୨୧ ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ଅପରାହ୍ନ ୫ ଘଟିକା ୩୦ ମିନିଟ ( କିନ୍ତୁ ତା ୦୧.୦୬.୨୦୨୧ ରୁ ୧୪.୦୬.୨୦୨୧ ରିଖ ମଧ୍ୟରେ ୦୧ ଘଟିକା ୩୦ ମିନିଟ ) ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସରେ କିମ୍ବା ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ ଦାଖଲ କରିପାରିବେ । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପା ଗୁଡିକ ତା.୨୫.୦୬.୨୦୨୧ ରିଖ ପୂର୍ବାହ୍ନ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡିକ ତନଖି କରାଯିବ ଏବଂ Additional charge ର ସର୍ବୋଚ୍ଚ ଦର ଧାର୍ଯ୍ୟ ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକ ବାତିଲ କରାଯିବ । ଯେଉଁ ସଇରାତ ଉତ୍ସଗୁଡିକ ଉପରୋକ୍ତ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇନପାରିବ ସେହି ସୈରାତଗୁଡିକ ପୁନଶ୍ଚ ପରବର୍ତ୍ତୀ ତା.୦୬.୦୭.୨୦୨୧ ଓ ୧୪.୦୭.୨୦୨୧ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିଲାମ ହେବ ।

୦୧. ଦରଖାସ୍ତ ଫି ସକାଶେ ଟ.୧୦୦୦.୦୦ (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (ଫେରସ୍ତ ଯୋଗ୍ୟ ନୁହେଁ) Chalan(Head of Account):- "0853-Non-Ferrous Mining and Metallurgical-102-Mineral concession fees, Rents and Royalties-0217-receipts under Orissa Minor Mineral Concessionfees(New)-02021-collection of fees, rents and royalties(New)".

୦୨. ଆବେଦନକାରୀ ଅମାନତ ରାଶି ସ୍ୱରୁପ ରୟାଲଟି, Additional Charge ଏବଂ MGQ ର ବାର୍ଷିକ ୫% ଯାହାକି ଡିମାଣ୍ଡ ଡ୍ରାଫ୍ଟ (DD) ତହସିଲଦାର ପରଜଙ୍ଗ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।

୦୩. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା ।

୦୪. କୌଣସି ମାଇନିଙ୍ଗ ଭରଣା ତଥା ରାଜସ୍ୱ ପାଉଣା ବକେୟା ନଥିବା ନେଇ ଏକ ସତ୍ୟପାଠ ।

୦୫. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

୬. ଆବେଦନକାରୀ ସଲଭେନ୍‌ସି ସାର୍ଟିଫିକେଟ କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି ନିମନ୍ତେ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ(Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ବ୍ୟାଙ୍କ ପ୍ରତ୍ୟାଭୂତି(Bank Guarantee) କିମ୍ବା ସଲଭେନସି ସାର୍ଟିଫିକେଟ (ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ) (Requisite extent of Bank Guarantee or Solvency Certificate = Minimum Guaranteed Quantity x (Offered additional charge + Royalty) ତହସିଲଦାର, ପରଜଙ୍ଗଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷର IT Return ମଧ୍ୟ ଦାଖଲ କରିବେ ।

୦୭. ଅନ୍ୟ ବିବରଣୀ ଯଥା, ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଏବଂ ନିଜ ପାଖରେ ଥିବା ଯନ୍ତ୍ରପାତି ଇତ୍ୟାଦି ବିବରଣୀ ଦାଖଲ କରିବେ ।

୦୮. ଚଳିତ ବର୍ଷର G.S.T Clearance ସାର୍ଟିଫିକେଟର ନକଲ ।

୦୯. ଭୋଟର ପରିଚୟପତ୍ର କିମ୍ବା ଆଧାର ପରିଚୟ ପତ୍ର ର ନକଲ ପ୍ରଦାନ କରିବେ ।
ପୂର୍ବ ନିଲାମ ମାନଙ୍କରେ ନିଲାମ ଦେୟ ବକେୟା ରଖିଥିବା ବ୍ୟକ୍ତି ନିଲାମରେ ଅଂଶ ଗ୍ରହଣ କରିପାରିବେ ନାହିଁ ।
କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କିମ୍ବା ସ୍ଥଗିତ କରିବାର ଅଧିକାର ଅଛି ।

## ସର୍ତ୍ତାବଳୀ

୦୧. ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ର ପରିସର ଭୁକ୍ତ ହେବେ ।

୦୨. ଲିଜ୍‌ଧାରୀ Mines Act 1952 ଓ Explosive Act 1984 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଲିଜ୍ ର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯିବ ।

୦୪. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ୍ ନ ନେଲେ ତତ୍‌ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ୍ ନେବାର ସୁଯୋଗ ଦିଆଯିବ କିମ୍ବା ଦୁଇ ଆବେଦନକାରୀଙ୍କ ଦର୍ଶାଇଥିବା Additional Charge ର ମୂଲ୍ୟ ସମାନ ପରିଲିଖିତ ହୁଏ ତେବେ ତାହା ଧର୍ମଗୋଳା ମାଧ୍ୟମରେ (By draw of lots) ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ ଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାୟୀ ଲିଜ୍‌ଧାରୀ ସରକାରଙ୍କ ଦ୍ୱାରା ଦେୟ ପଇଠ କରିବା ପାଇଁ ବାଧ୍ୟ ହେବେ ।

୦୭. ସର୍ବୋଚ୍ଚ Additional Charge ଦାଖଲ ପାଇଁ ଆବେଦନ କରିଥିବା ବ୍ୟକ୍ତି ଲିଜି ଗ୍ରହଣ ନକଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ୟ ସର୍ବୋଚ୍ଚ Additional Charge ଉଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮. ଲିଜ୍ ମଞ୍ଜୁରପରେ ଲିଜ୍‌ଧାରୀ ମାଇନିଙ୍ଗ୍ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି+ Additional Charge + DMF ର ରାଶି ସହିତ ୨୫% ଅମାନତ ଆକାରରେ ଜମା କରିବେ ।

୦୯. ଲିଜ୍ ଅବଧି ମଧ୍ୟରେ ଲିଜ୍‌ଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଙ୍ଘନ କଲେ ତାଙ୍କର ଲିଜ୍ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମାରାଶି ବାଜ୍ୟାପ୍ତି ହେବ ।

୧୦. ଲିଜ୍‌ଧାରୀ ଲିଜରାଶି ଓ ଅମାନତ ଟଙ୍କା ବ୍ୟତିରକେ ଲିଜରାଶିର ୧୦% (DMFT) ପାଇଁ ଜମା କରିବେ ।

୧୧. ଲିଜ୍‌ଧାରୀ ଲିଜରାଶି ର ୫% (Environmental Management Fund) ଆକାରରେ ଦାଖଲ କରିବେ ।

୧୨. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜ୍‌କୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୧୩. ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟଦିବସରେ ଇଚ୍ଛୁକ ପ୍ରାର୍ଥୀ, M ଫର୍ମ, ଲିଜ୍ ସର୍ତ୍ତାବଳୀ ତଥା ସୈରାତର ସମସ୍ତ ବିବରଣୀର ଅବଗତ ହୋଇ ପାରିବେ ।

୧୪. ଲିଜ୍‌ଧାରୀ ଲିଜ ପାଇବା ପରେ ସୌରାତ ପରିଚାଳନା ପାଇଁ OMMC Rules, 2016 ର ସମସ୍ତ ସର୍ତ୍ତାବଳୀକୁ ମାନିବାକୁ ବାଧ୍ୟ ହେବେ ।

୧୫. ସର୍ବୋଚ୍ଚ ନିଲାମଧାରୀ ଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ ନଂ.F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲଟି ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରକୁ ଏକତ୍ର କରି ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ତାହା ସହିତ ଅନ୍ୟାନ୍ୟ ସରକାରୀ ଦେୟ ଲିଜଧାରୀ Environmental Clearance ଆଣି ସାରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍‌ଧାରୀ Registration Act 1908 ଓ Stamp Act 1899 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ଏବଂ ଖଣି ପରିଚାଳନା ପାଇଁ Regional Officer, State Pollution Control Board, Angul ଙ୍କ ଠାରୁ CTO ଆଣିବା ପାଇଁ ବାଧ୍ୟ ହେବେ ।

୧୭. ପରିବେଶ ମଞ୍ଜୁର ପାଇଁ ଆବଶ୍ୟକ ଅର୍ଥ ଲିଜ୍‌ଧାରୀ ଦାଖଲ କରିବେ ।

୧୮. ଲିଜ୍ ଲାଗି ଆବେଦନ କରିବା ଇସ୍ତାହାରରେ ଦର୍ଶିତ ଲଘୁ ଖଣିଜ ଖାଦାନ ଗୁଡିକ ପୂର୍ବରୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୧୯. ଲିଜ୍ ଗ୍ରହଣ କରିସାରିଲା ପରେ ଲିଜ୍ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା ଏଥି ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୦. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୨୧. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୨. ଜମା ରୟାଲଟି ରାଶିର (୨%) ଲିଜ୍‌ଧାରୀ TCS ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜ୍‌ଧାରୀ ରୟାଲଟିର ୫% EMF ଓ ୧୦% DMF ବାବଦକୁ ଦାଖଲ କରିବେ ।

୨୩. ଲିଜ୍‌ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Disply Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା, ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜ୍‌ଧାରୀ ବହନ କରିବେ ।

୨୪. ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୂଷଣ ବୋର୍ଡ, ଅନୁଗୁଳଙ୍କ ଠାରୁ CTO ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୨୫. ରୟାଲଟି(Royalty) ଓ ଅତିରିକ୍ତ ମୂଲ୍ୟ(Additional Charge) ଅନୁମୋଦିତ ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା MGQ ଆଧାରରେ ଲିଜ୍‌ଧାରୀ ଦାଖଲ କରିବାକୁ ବାଧ୍ୟ ହେବେ ।

୨୬. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ ଲିଜ୍‌ଧାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜ୍‌ଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇପାରିବେ ନାହିଁ ।

୨୭. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ ପରଜଙ୍ଗ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

୨୮. ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ www.dhenkanal.nic.in ରେ ଉପଲବ୍ଧ ହେବ ।

୨୯. ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

୩୦. ଲିଜ୍ ଗ୍ରହଣ କରିବାପାଇଁ ଦରଖାସ୍ତ ନିଲାମ ତାରିଖର ପୂର୍ବଦିନ ଯଥା ୨୪.୦୬.୨୦୨୧, ୦୫.୦୭.୨୦୨୧ ଓ ୧୩.୦୭.୨୦୨୧ ତାରିଖ ପୂର୍ବାହ୍ନ ୫ ଘଟିକା ୩୦ ମିନିଟ ( କିନ୍ତୁ ତା ୦୧.୦୬.୨୦୨୧ ରୁ ୧୪.୦୬.୨୦୨୧ ରିଖ ମଧ୍ୟରେ ୦୧ ଘଟିକା ୩୦ ମିନିଟ ) ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ପରେ ଆସିଥିବା ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୩୧. ଯଦି ଉକ୍ତ ଇସ୍ତାହାରରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ତହସିଲଦାର, ପରଜଙ୍ଗ
Tahasildar
Parjang

ସ୍ମାରକ ସଂଖ୍ୟା ୧୪୮୪/ତାରିଖ.୦୧.୦୫.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଢେଙ୍କାନାଳ/ଉପଜିଲ୍ଲାପାଳ, କାମାକ୍ଷାନଗର/ଗୋଷ୍ଠୀଉନ୍ନୟନ ଅଧିକାରୀ, ପରଜଙ୍ଗ/ସମସ୍ତ ଗ୍ରାମ ପଞ୍ଚାୟତ/ତହସିଲଦାର, ପରଜଙ୍ଗ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ସମ୍ପୃକ୍ତ ଗ୍ରାମର କୋଠଘର ଓ ସମ୍ପୃକ୍ତ ସୈରାତ ସ୍ଥଳରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପରଜଙ୍ଗ
Tahasildar
Parjang

## ଲଘୁ ଖଣିଜ ସକାଶେ ୫ ବର୍ଷିଆ ଦୀର୍ଘ ମିଆଦୀ ଲିଜ ନିମନ୍ତେ ସଇରାତ ଉତ୍ସର ବିବରଣୀ- ପରଜଙ୍ଗ ତହସିଲ , ଜିଲ୍ଲା- ଢେଙ୍କାନାଳ

| କ୍ରମିକ. ନଂ. | ମାମଲା ସଂଖ୍ୟା | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ହେକ୍ଟର) | ସର୍ବନିମ୍ନ ମୂଲ୍ୟ(per cum) | ଅତିରିକ୍ତ ମୂଲ୍ୟ (Addl. Charges per cum) | ମୋଟ ଧାର୍ଯ୍ୟ ମୂଲ୍ୟ (per cum) | ବାର୍ଷିକ ସର୍ବନିମ୍ନ ଗ୍ୟାରେଣ୍ଟେଡ ପରିମାଣ (in cum) | ଅମାନତ ରାଶି (EMD) |
|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ୧/୨୦୨୦-୨୧ | ବଡାସିଙ୍ଗ ବାଲି ଖାଦାନ | ବଡାସିଙ୍ଗ | ୨୧୫ | ୪୪୯୨/୬୦୦୧ | ୪.୯୨ | ଟ.୩୫/- | ଟ.୧୦୮/- | ଟ.୧୪୩/- | ୧୦୮୭୭ | ଟ.୭୭୭୦୦/- |
| ୨ | ୮/୨୦୨୦-୨୧ | ବଡକମର ବାଲିଖାଦାନ | ବଡକମର | ୨୪୬ | ୯୮୨ | ୨.୦୮ | ଟ.୩୫/- | ଟ.୧୦୮/- | ଟ.୧୪୩/ | ୧୨୫୦୦ | ଟ.୮୯୪୦୦/ |
| ୩ | ୯/୨୦୨୦-୨୧ | ବସୁଲେଇ ବାଲିଖାଦାନ | ବସୁଲେଇ | ୪୧୭ | ୫୬୨୯ | ୨୦.୨୪ | ଟ.୩୫/- | ଟ.୧୦୮/- | ଟ.୧୪୩/ | ୧୫୦୦୦ | ଟ.୧୦୭୩୦୦/ |
| ୪ | ୧/୨୦୨୧-୨୨ | ଡମଳ ବାଲି ଖାଦାନ | ଡମଳ | ୨୮୬ | ୩୫୪୯ | ୪.୦୫ | ଟ.୩୫/- | ଟ.୧୦୮/- | ଟ.୧୪୩/ | ୧୫୦୦୦ | ଟ.୧୦୭୩୦୦/ |

ତହସିଲଦାର, ପରଜଙ୍ଗ

Tahasildar
Parjang

# FORM – M

Application for grant of Quarry Lease

[*See* rule 27(4)]

To

……………………………………………………………………………………………..

Dated the 20

Sir,

1. I/We submit an application for a quarry lease for…………..(mineral) for a term of ……………….. years over…………hectares of land in the area specified in the *Annexure* given below:-
2. A sum of Rs………. payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20…….. has been paid in the Government Treasury at…………and a receipted challan bearing No………. dated…….is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant…………………………………………………...
   (ii) Nationality of the applicant…………………………………………………………...
   (iii) Profession of the applicant……………………………………………………………
   (iv) Particulars of the areas, mineral wise, within the State for which the applicant or any person having joint interest with him…………………………………………
   a) Already holds a quarry lease…………………………………………………
   b) Has already applied for a quarry lease but not granted ………………………
   c) Being applied for simultaneously………………………………………………..
   d) Nature of joint interest, if any………………………………………………
   (v) Means by which the minor minerals is/are to be raised, i.e. whether manual or mechanical......................
   (vi) Manner in which the minor mineral raised to be utilized-
   (a) For manufacture........................
   (b) For sale....................................
   (c) Any other purpose.....................
   (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.